ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/COVID-19(OD)/ 54/11-04-2021

ପ୍ରେସ୍ ବିବୃତି

ଭୁବନେଶ୍ୱର :୧୧ ଅପ୍ରେଲ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଆମେ ସତର୍କ ଏବଂ ସଚେତନ ହେଲେ ହିଁ କୋଭିଡ୍-୧୯ ସଂକ୍ରମଣକୁ ପ୍ରତିରୋଧ କରିପାରିବା । 'ଆମର ସାମାନ୍ୟ ଅସାବଧାନତା ଏକ ବଡ଼ ବିପଦର କାରଣ ସାଜିପାରେ । ତେଣୁ କୋଭିଡ୍ ନିୟମର କଡ଼ା ଅନୁପାଳନ ସହ ନିୟମିତ ମାସ୍କ ପରିଧାନ ଦ୍ୱାରା ଆସନ୍ତୁ ନିଜକୁ ତଥା ସମଗ୍ର ସମାଜକୁ ସୁରକ୍ଷିତ କରିବା' ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟର ଦକ୍ଷତା ବୃଦ୍ଧି ପାଇଁ ଓଡ୍ରାଫକୁ ଦୁଇଟି ଜୀବନ-ଚିହ୍ନଟ ଏବଂ ବିପଦଗ୍ରସ୍ତ ସ୍ଥାନ ନିରୁପଣ ବ୍ୟବସ୍ଥା ସହ ସଜ୍ଜିତ କରାଯାଇଛି । ଓଡ୍ରାଫ ଦଳ ବର୍ତ୍ତମାନ ବିପର୍ଯ୍ୟୟ ସମୟରେ କଠିନ ପରିସ୍ଥିତିରେ ଅଟକି ରହିଥିବା ଲୋକଙ୍କୁ ଦକ୍ଷତାର ସହ ଚିହ୍ନଟ କରିପାରିବେ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସରକାରୀ ଯୋଜନା ଏବଂ ନୂତନ ପ୍ରଣାଳିରେ କଳାହାଣ୍ଡିର କୃଷ୍ଣ ନାଗ ଉଭୟ ମରୁଡ଼ି ଏବଂ କଠିନ ମାଟିର ସମସ୍ୟାକୁ ଦୂର କରିପାରିଥିବାରୁ ତାଙ୍କୁ ପ୍ରଶଂସା କରିଛନ୍ତି । ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରି ସେ ବର୍ତ୍ତମାନ ଏକ ସମୟରେ ପନିପରିବା, ଫଳ, ମାଛ ଏବଂ କୁକୁଡ଼ା ଚାଷ କରୁଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୩,୭୦,୩୫୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୪୯, ୫୬୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୯, ୬୦୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୨୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟ ୭୯୭୯ ରହିଛି ।
- ୭୯୭୯ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'